## ସଂକ୍ଷେପରେ

### ବେଆଇନ କାଠ ଜବତ

**ଧର୍ମଶାଳା,୩୧।୮ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ୍ ଅଧୀନ କୁମାରୀ ପଞ୍ଚାୟତ ଗୋଡ଼ିସାହିଠାରେ ବେଆଇନଭାବେ ଗଚ୍ଛିତଥିବା କାଠଗଣ୍ଡିକୁ ଶନିବାର ସନ୍ଧ୍ୟାରେ ବନ ବିଭାଗ ଭିଜିଲାନ୍ସ ଟିମ୍ ପକ୍ଷରୁ ଜବତ କରାଯାଇଛି। କେହି କାଠ ବ୍ୟବସାୟୀ ଏଠାରେ କାଠ ରଖି ବ୍ୟବସାୟ କରିଆସୁଥିଲେ। ଏ ସମ୍ପର୍କରେ ବନବିଭାଗ ଭିଜିଲାନ୍ସ ଟିମ ନିକଟରେ ଅଭିଯୋଗ ହେବା ପରେ ଚଢ଼ାଉ କରାଯାଇଥିଲା। ଏଥିରେ ଆମ୍ବ, ପଣସ, ଗମ୍ଭାରୀ ଆଦି ବିଭିନ୍ନ ବେଆଇନ କାଠ ରହିଛି। ଏଗୁଡ଼ିକୁ ବିକ୍ରି କିମ୍ବା ଚିରାଯିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ଦିଆଯାଇନାହିଁ। ତେବେ କିଏ ଏହି କାଠ ଗଣ୍ଡି ରଖିଥିଲେ ତାହା ମଧ୍ୟ ଜଣାପଡ଼ିନାହିଁ। ବନ ବିଭାଗ ଭିଜିଲାନ୍ସ ଏସିଏଫ ବବିତା ସୋରେନଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ କଟକ ବନ ବିଭାଗ ଭିଜିଲାନ୍ସ ଫରେଷ୍ଟର ମାଣିକ ମୁଣ୍ଡା, ଫରେଷ୍ଟର ସତ୍ୟବାନ ସାହୁ, ସାକିର ହୋସେନ, ବାଲାଇ ମୁଣ୍ଡା ଓ ବିଭାଗୀୟ ଫୋର୍ସ ସାମିଲ ହୋଇଥିଲେ। କାଠର ମାପଚୁପ ପରେ ଏହାର ପରିମାଣ ଜଣାପଡ଼ିବ ବୋଲି ଭିଜିଲାନ୍ସ ଟିମ ପକ୍ଷରୁ ସୂଚନା ଦିଆଯାଇଛି।

### ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଚାରାରୋପଣ

**ବଡ଼ଚଣା,୩୧।୮ (ଦିଲୀପ କୁମାର ମହାନ୍ତି):** ଭାରତୀୟ ଷ୍ଟେଟ ବ୍ୟାଙ୍କ ଚଣ୍ଡିଖୋଲ ଶାଖା ପକ୍ଷରୁ ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ୟାଙ୍କ୍ ଶାଖା ମୁଖ୍ୟ ପରିଚାଳକ ଆଶୁତୋଷ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶେଷଦେବ ନାୟକ, ଉପସଭାପତି କ୍ଷୀରୋଦ ମାହାଲା, ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର, ଉପଦେଷ୍ଟା ସନ୍ତୋଷ ବିଶ୍ୱାଳ, ସାମ୍ବାଦିକ ଶିବରାମ ସାହୁ, ଈଶ୍ୱର ସାମଲ, ବୈକୁଣ୍ଠ ସାମନ୍ତରାୟ, କୁଳମଣି ନାୟକ, ଦୁଷ୍ମନ୍ତ ସ୍ୱାଇଁ, ଲକ୍ଷ୍ମୀଧର ସାହାଣୀ, ବେଣୁଧର ଜେନା, ଗଙ୍ଗାଧର ସେଠୀ, ବସନ୍ତ ବିଶ୍ୱାଳ, ବ୍ୟାଙ୍କ କର୍ମଚାରୀ ସନ୍ତୋଷ କୁମାର ଦାସ, ରତିକାନ୍ତ ମଲିକ ପ୍ରମୁଖ ଯୋଗଦେଇ ଦେବଦାରୁ, ଆମ୍ବ, ପିଜୁଳି, ବେଲ ଓ ନିମ୍ବ ଆଦି ଚାରାରୋପଣ କରିଥିଲେ। ପରେ ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ କ୍ୟାମେରା, ଚେସ, ତାସ, ଲୁଡୁ ଯୋଗାଇ ଦିଆଯାଇଥିଲା।

### ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ବରୀ,୩୧।୮ (ମହେନ୍ଦ୍ର ସ୍ୱାଇଁ):** ଗଣେଶ ପୂଜା ପାଇଁ ବରୀ ବ୍ଲକ ଅଧୀନ ମନ୍ଦାରି ପଞ୍ଚାୟତର ମନ୍ଦାରିଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜାକ କମିଟି ସଭାପତି ହେମନ୍ତ ଜେନା ସଭାପତିତ୍ୱ କରିଥିଲେ। ଚଳିତ ବର୍ଷ ନିଆରା ଢ଼ଙ୍ଗରେ ମୂର୍ତ୍ତି ପୂଜା ସହ ଭଜନ ସନ୍ଧ୍ୟା ଓ ଚାରାରୋପଣ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ଗୋପବନ୍ଧୁ ଦାସ, ଉତ୍ତମ ଜେନା, ସୁଜିତ ଦାସ, ଚିତ୍ତରଞ୍ଜନ ଜେନା, ପ୍ରଭାତ ଦାସ, ପ୍ରିୟବ୍ରତ ଦାସ, ସୁରେନ୍ଦ୍ର ଜେନା, ପ୍ରଶାନ୍ତ ଦାସ, ରାଧାକୃଷ୍ଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ୟ ସାଧନରେ ବିଫଳ ଗ୍ରାମୀଣ ଶିଳ୍ପ ଉଦ୍ୟାନ

**ଶାଢ଼ି, ଟେରାକୋଟା, ବାଉଁଶ ସାମଗ୍ରୀ ବିକ୍ରିରେ ସୀମିତ କାରବାର**




**ରସୁଲପୁର,୩୧।୮ (ରଞ୍ଜିତ ରାଉତ):** ଗ୍ରାମାଞ୍ଚଳରେ ବିଭିନ୍ନ ଘରକରଣା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉତ୍ପାଦନ ହେଉଛି। ଉକ୍ତ ସାମଗ୍ରୀ ପ୍ରସ୍ତୁତ କାରଖାନାକୁ କୁଟୀର ଶିଳ୍ପର ମାନ୍ୟତା ମିଳିଛି। ଉତ୍ପାଦନରେ ନିୟୋଜିତ କାରିଗରଙ୍କୁ ସେମାନଙ୍କ କାରିଗରି କୌଶଳ ପାଇଁ ସ୍ୱତନ୍ତ୍ର ସମ୍ମାନ ଓ ପରିଚୟ ମିଳିଛି। ଏଭଳି ଉଲ୍ଲେଖନୀୟ ଗ୍ରାମୀଣ ଉତ୍ପାଦନକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମୀଣ ଶିଳ୍ପ ଉଦ୍ୟାନ ନାମକ ଏକ ବଜାର ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଗୋପାଳପୁର ଛକରେ ଖୋଲାଯାଇଛି। ଏହି ବଜାରରେ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉତ୍ପାଦନ ହେଉଥିବା ପ୍ରସିଦ୍ଧ ସାମଗ୍ରୀକୁ ପ୍ରଦର୍ଶିତ କରାଯିବ। ରାଜପଥରେ ଯାତାୟାତ କରୁଥିବା ବିଭିନ୍ନ ଦେଶ ଓ ରାଜ୍ୟର ଲୋକଙ୍କୁ ଗ୍ରାମୀଣ ଉତ୍ପାଦିତ ଦ୍ରବ୍ୟ କ୍ରୟ କରିବାର ସୁଯୋଗ ମିଳିପାରିବ। ଏହାଛଡ଼ା ଶିଳ୍ପ ଉଦ୍ୟୋଗୀ, ଶ୍ରମଜୀବୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ଗ୍ରାମୀଣ ଶିଳ୍ପ ଉଦ୍ୟାନର ଲକ୍ଷ୍ୟ ରହିଛି। ମାତ୍ର ଏହି ଲକ୍ଷ୍ୟ ସାଧାନରେ ବିଫଳ ହୋଇଛି ଉକ୍ତ ଗ୍ରାମୀଣ ଶିଳ୍ପ ଉଦ୍ୟାନ। ଏହି ଉଦ୍ୟାନ କେବଳ ଶାଢ଼ି, ଟେରାକୋଟା, ବାଉଁଶ କାରିଗରି ସାମଗ୍ରୀ ବିକ୍ରିରେ ସୀମିତ ରହିଛି।

ବାଉଁଶ ଓ ଟେରାକୋଟା କାରିଗରି ସାମଗ୍ରୀ ଗୋପାଳପୁର ଗାଁର ହୋଇଥିବାବେଳେ ଶାଢ଼ି ବିକ୍ରୟ କେନ୍ଦ୍ରରେ ଗୋପାଳପୁର ଲୁମ୍‌ରେ ପ୍ରସ୍ତୁତ ଟସର ଓ ସିଲ୍କ ବସ୍ତ୍ର ବିକ୍ରି ନ ହୋଇ ବାହାର ରାଜ୍ୟ ଏବଂ ଜିଲାରୁ ଲୁଗା ଏବଂ ଅନ୍ୟ ଅଙ୍ଗବସ୍ତ୍ର ଆଣାଯାଇ ବିକ୍ରି କରାଯାଉଥିବା ଜଣାପଡ଼ିଛି। ଏହାଛଡ଼ା ବ୍ଲକର ହରିପୁର ଅଞ୍ଚଳ ଯାତ୍ରା ପୋଷାକ ପ୍ରସ୍ତୁତି ପାଇଁ ପ୍ରସିଦ୍ଧିଲାଭ କରିଛି। ସାମନ୍ତାରପୁର ପଞ୍ଚାୟତର ବାଲିପାଟଣା, ରାଉତରାପୁର ପଞ୍ଚାୟତର କୁଣ୍ଡପାଟଣା ଗ୍ରାମର କଂସା ପିତ୍ତଳ କାରିଗରି, ମୁଗୁପାଳ ପଞ୍ଚାୟତର କାଠ କାରିଗରି, ଓଡ଼ିଶୋ ପଞ୍ଚାୟତରେ ଛତୁ ଉତ୍ପାଦନ, ବାରବାଟୀ ପଞ୍ଚାୟତ ବରଜପୁର ଗ୍ରାମରେ ଛେନାପୋଡ଼ ପ୍ରସ୍ତୁତିକୁ ନେଇ ସ୍ୱତନ୍ତ୍ର ଖ୍ୟାତି ରହିଛି। ଏହିସବୁ ସ୍ଥାନରେ ପ୍ରସ୍ତୁତ ହେଉଥିବା ଘରକରଣା ସାମଗ୍ରୀ ଓ ଖାଦ୍ୟ ପ୍ରସ୍ତୁତିରେ ବ୍ଲକ ଅଞ୍ଚଳ ରାଜ୍ୟ ଏବଂ ରାଜ୍ୟ ବାହାରେ ଆଦୃତ ହୋଇପାରିଛି।

ମାତ୍ର ଏସବୁ ସାମଗ୍ରୀ ଗ୍ରାମୀଣ ଶିଳ୍ପ ଉଦ୍ୟାନରେ ସ୍ଥାନ ପାଇପାରୁନାହିଁ। ଗ୍ରାମୀଣ ଶିଳ୍ପ ଉଦ୍ୟାନ ସ୍ଥାପନ ଓ ତା'ର ଲକ୍ଷ୍ୟ ସାଧନକୁ ନେଇ ବିବାଦୀୟ ସ୍ଥିତି ଉପୁଜିଥିବାବେଳେ ଜିଲା, ରାଜ୍ୟସ୍ତରର ନେତା ଓ ପ୍ରଶାସନିକ ଅଧିକାରୀ ବାହାବା ନେଉଛନ୍ତି। ମାତ୍ର ଉଦ୍ୟାନ ସ୍ଥାପନର ଅସଲ ଉଦ୍ଦେଶ୍ୟ ପୂରଣରୁ ବହୁ ଦୂରରେ ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଓ କାରିଗର ମତ ଦେଇଛନ୍ତି।

ଏହି ଉଦ୍ୟାନରେ ୧୦ ଦୋକାନ ଘର(ଆଉଟଲେଟ୍) ରହିଛି। ଏ ସବୁ ଆଉଟଲେଟ୍‌କୁ ପଞ୍ଚାୟତ ପକ୍ଷରୁ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ନିଲାମ ଦିଆଯାଇଛି। ସେଥିମଧ୍ୟରୁ ୩/୪ଟି ଦୋକାନ ଆଦୌ ଖୋଲୁ ନ ଥିବା ଦେଖିବାକୁ ମିଳୁଛି। ଅନ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଲେଖାଏ ଟେରାକୋଟା ଓ ବାଉଁଶ କାରିଗରି ପାଇଁ ଉଦ୍ଦିଷ୍ଟ ରହିଥିବାବେଳେ ଅନ୍ୟ ସବୁ କେନ୍ଦ୍ରରେ ଶାଢ଼ି କାରବାର ହେଉଛି। ତେଣୁ ବଜାର ସ୍ଥଳରେ ଏଟିଏମ୍ ସ୍ଥାପନ, ଗାଁରେ ପ୍ରସ୍ତୁତ ହେଉଥିବା ସାମଗ୍ରୀର କଳା କୌଶଳର ପ୍ରଦର୍ଶନୀ କେନ୍ଦ୍ର, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ବ୍ୟବସାୟୀଙ୍କ କାରବାର ପାଇଁ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ବଜାରରେ ବିନା ଜିଏସ୍‌ଟି ବିଲ୍‌ରେ ବ୍ୟବସାୟୀ କାରବାର କରୁଛନ୍ତି। ଏସବୁ ଘଟଣା ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି ବୋଲି ଅଭିଯୋଗ ହେଉଛି।

ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଅବ୍ୟବହୃତ ପୁରୁଣା ଭିତ୍ତିଭୂମି ଉପରେ ଗ୍ରାମୀଣ ଶିଳ୍ପ ଉଦ୍ୟାନ ସ୍ଥାପନ ହୋଇଛି। ଏହି ଉଦ୍ୟାନକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଏବେ ଗ୍ରାମୀଣ ବଜାର ସ୍ଥାପନ ପାଇଁ ବ୍ଲକକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆସିଛି। ତାହାକୁ ବିନିଯୋଗ କରାଯାଇ ଦୋକାନ ଘର ନିର୍ମାଣ କରାଯିବ ଓ ବ୍ଲକ ଅଞ୍ଚଳର ସବୁ ଖ୍ୟାତି ସମ୍ପନ୍ନ ସାମଗ୍ରୀକୁ ଗ୍ରାମୀଣ ଶିଳ୍ପ ଉଦ୍ୟାନରେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏଠାରେ ଘଟୁଥିବା ନାନା ଅନିୟମିତାକୁ ସେ ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବେ ବୋଲି ମତବ୍ୟକ୍ତ କରିଛନ୍ତି।

### ପୋଲିସ କର୍ମଚାରୀଙ୍କ ଆତ୍ମହତ୍ୟା



**ବରୀ,୩୧।୮ (ମହେନ୍ଦ୍ର ସ୍ୱାଇଁ):** ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ରମ୍ଭା ପଞ୍ଚାୟତ ନେଉଳା ଗ୍ରାମର ପୋଲିସ କର୍ମଚାରୀ ତ୍ରିଲୋଚନ ସେଠୀ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ୪୦ ବର୍ଷ ବୟସ ହୋଇଥିଲା। ସେ କଟକରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ରାତିରେ ପୋଲିସ ବ୍ୟାରାକରେ ସେ ରଶିଲଗାଇ ଦେଇଥିଲେ। ପରିବାର ଲୋକେ ଯାଇ ମୃତଦେହ ଗାଁକୁ ଆଣିଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର ଶତାଧିକ ଲୋକ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

# ଜରୁରିକାଳୀନ ପରିସ୍ଥିତି ମୁକାବିଲା ପାଇଁ ମକ୍‌ଡ୍ରିଲ



ମକଡ୍ରିଲ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀମାନେ।

**କଳିଙ୍ଗନଗର,୩୧।୮ (ଶୁଭାଶିଷ ରାଉତ):** କଳିଙ୍ଗନଗର ଟାଟା ଷ୍ଟିଲ ପକ୍ଷରୁ ପ୍ଲାଣ୍ଟ ପରିସରରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ପ୍ଲାଣ୍ଟ ଭିତରେ ଥିବା ଇଣ୍ଡଷ୍ଟ୍ରିଆଲ ଏନର୍ଜି ଲିମିଟେଡ(ଆଇଇଏଲ)ର ଲାଇଟ ଡିଜେଲ ଅଏଲ(ଏଲଡିଓ)ଟାଙ୍କି-୧ ଷ୍ଟୋରେଜରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ମକଡ୍ରିଲ କରାଯାଇଥିଲା। ଜିନ୍ଦଲ ଷ୍ଟେନଲେସ, ଭିସା ଷ୍ଟିଲ ଏବଂ ଟାଟା ଷ୍ଟିଲ ଗ୍ରୁପ କମ୍ପାନୀ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ସମେତ ଏହି ଅଞ୍ଚଳର ଅନ୍ୟ ଇସ୍ପାତ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ପାରସ୍ପରିକ ସହାୟକ ପାର୍ଟନର ଭାବେ ମକଡ୍ରିଲରେ ଅଂଶଗ୍ରହଣ କରିଥିଲେ। ମକଡ୍ରିଲ ସମୟରେ ଟିମ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବା, ଘଟଣାସ୍ଥଳରୁ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା, ଉପଯୁକ୍ତ ଚିକିତ୍ସା ସହାୟତା ପ୍ରଦାନ କରିବା, ସମାନରୂପୀ ସଙ୍କଟକୁ ଠିକ ସମୟରେ ତଦାରଖ କରିବା, ଘଟଣାକୁ ନିୟନ୍ତ୍ରଣ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିସ୍ଥିତିର ମୁକାବିଲା ପାଇଁ ଏହି ମକଡ୍ରିଲ ବ୍ୟବହାରିକ ଶିକ୍ଷା ଦେଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗର ଓ ଫ୍ୟାକ୍ଟ୍ରିଜ ଓ ବଏଲର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ମକଡ୍ରିଲରେ ଯାଜପୁର ରୋଡ ଡିଭିଜନର ଫ୍ୟାକ୍ଟ୍ରିଜ ଆଣ୍ଡ ବଏଲର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାର, ସହକାରୀ ନିର୍ଦ୍ଦେଶକ ଗଣେଶ୍ୱର ମାର୍ଡି, ଜିଲା ଏମରିଜେନ୍ସି ଅଫିସର ଅଶୋକ କୁମାର ବେହେରା, ଫାୟାର ଷ୍ଟେସନ ଇନଚାର୍ଜ ରମାକାନ୍ତ ମଲ୍ଲିକ ଓ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମୃତଦେହ ଦାହକଲେ ସ୍ୱେଚ୍ଛାସେବୀ

**ରସୁଲପୁର,୩୧।୮ (ରଂଜିତ ରାଉତ):** କୁଆଖିଆ ଥାନା ପୋଲିସ ପକ୍ଷରୁ ପ୍ରଥମାଖଣ୍ଡି ପଞ୍ଚାୟତ ବ୍ରାହ୍ମଣୀ ନଦୀର ନୂଆସାହି ଘାଟ ନିକଟରୁ ଜବତ କରାଯାଇଥିବା ଜଣେ ମହିଳାଙ୍କ ମୃତଦେହର ପରିଚୟ ମିଳିପାରିନାହିଁ। ଶେଷରେ ସ୍ୱେଚ୍ଛାସେବୀଙ୍କ ସହାୟତାରେ ମୃତଦେହର ସତ୍କାର କରାଯାଇଛି। ଗତ ବୁଧବାର ମିଳିଥିଲା। ଏହାକୁ ୭୨ଘଣ୍ଟା ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖାଯାଇଥିଲା। ଏହି ଅବଧି ମଧ୍ୟରେ ମୃତ ମହିଳାଙ୍କ କୌଣସି ଆତ୍ମୀୟ ସ୍ୱଜନ ଆସି ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂହ୍ୟାଣ୍ଡସ୍‌ର ସ୍ୱେଚ୍ଛାସେବୀଙ୍କ ସହାୟତାରେ ପୋଲିସ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରିଥିଲା। ଅନୁଷ୍ଠାନର ମୁଖ୍ୟ ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କରାଯାଇଥିବା ଏହି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବୁଢ଼ା ନଦୀରେ ଭାସିଯାଇ ଛାତ୍ର ନିଖୋଜ



ଓମ୍ ପ୍ରକାଶ ଷଡ଼ଙ୍ଗୀ

**ଯାଜପୁର ଟାଉନ/ଯାଜପୁର ସଦର,୩୧।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ):** ଯାଜପୁର ସଦର ଥାନା ଅନ୍ତର୍ଗତ କଳିନ୍ଦ୍ରାବାଦ ନିକଟ ବୁଢ଼ା ନଦୀ ବାଲିଘାଟରେ ଭାସିଯାଇ ଶନିବାର ଜଣେ ନବମ ଶ୍ରେଣୀ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସ୍ଥାନୀୟ ଘରୋଇ ସ୍କୁଲ୍‌ରେ ଅଧ୍ୟୟନ କରୁଥିବା ସନିଆ ଷଡ଼ଙ୍ଗୀଙ୍କ ପୁଅ ଓମ୍‌ପ୍ରକାଶ ଷଡ଼ଙ୍ଗୀ(୧୪)। ଓମ୍‌ପ୍ରକାଶ ଅନ୍ୟ ୬ଜଣ ସାଙ୍ଗଙ୍କ ସହ ସକାଳ ୭ଟା୩୦ରେ ସ୍କୁଲ୍ ନ ଯାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ନଦୀଗର୍ଭକୁ ଭାସିଯାଇଥିଲେ। ସାଙ୍ଗମାନେ ଚେଷ୍ଟାକରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ଯାଜପୁର ଦମକଳବାହିନୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଅପରାହ୍ନରେ ଓଡ୍ରାଫ୍ଟ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ। ମାତ୍ର ସନ୍ଧ୍ୟା ହୋଇଯିବାରୁ ଖୋଜାଖୋଜି କାର୍ଯ୍ୟ ହୋଇପାରି ନ ଥିଲା। ଓମ୍ ପ୍ରକାଶଙ୍କ ଘର ମଙ୍ଗଳପୁର ଥାନା ଅନ୍ତର୍ଗତ କାଟିଆ ଅଞ୍ଚଳରେ। ସେ ପାଠ ପଢ଼ିବା ପାଇଁ ତାଙ୍କ ପରିବାର ସହ ଯାଜପୁରଟାଉନ ଲଳିତେଶ୍ୱର ନଗରରେ ଭଡ଼ାଘରେ ରହୁଥିଲେ। ବୁଢ଼ାନଦୀ ବାଲିଘାଟରୁ ଅତ୍ୟଧିକ ବାଲି ଖନନ ହେଉଛି। ଫଳରେ ସେଠାରେ ବାଲିସ୍ତର ରହୁନାହିଁ। ତେଣୁ କାଦୁଅ ମିଶାବାଲି ଖାଲରେ ଗୋଡ଼ ପୋତିହୋଇ ଜୀବନ ହାନିହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଗଣ୍ଡଗୋଳ ସମାଧାନ କରିବାକୁ ଆସି ୫ ଗୁରୁତର

**ବାଇକ ଋଣ କିସ୍ତିକୁ କେନ୍ଦ୍ରକରି ବାପପୁଅଙ୍କ ମଧ୍ୟରେ ଗଣ୍ଡଗୋଳ**

**ଯାଜପୁର ସଦର,୩୧।୮ (ସମର ବିଜୟ ଶରଣ):** ଯାଜପୁର ସଦର ଥାନା ଅନ୍ତର୍ଗତ ଯମଧର ପଞ୍ଚାୟତ ରେକିବଜାର ଗ୍ରାମରେ ବାଇକ ଋଣ କିସ୍ତିକୁ କେନ୍ଦ୍ରକରି ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଛି। ଏହି ସମୟରେ ମଧ୍ୟସ୍ଥତା କରିବାକୁ ଆସି ୫ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଗ୍ରାମର ସେକ୍‌ଅନୁଅରଙ୍କ ପୁଅ ସେକ୍ ସନୁଅର ଏକ ବାଇକ୍ ଘରୋଇ ଋଣ ପ୍ରଦାନ ସଂସ୍ଥାର ସହାୟତାରେ କିଣିଥିଲେ। ଏ ବାବଦରେ ମାସିକିଆ କିସ୍ତି ନଦେବାରୁ ଘରେ ବାପପୁଅଙ୍କ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମାଧାନ କରିବା ପାଇଁ ସ୍ଥାନୀୟ ୱାର୍ଡ ମେମ୍ବର ରତ୍ନାକର ନାୟକ ଆସିବାରୁ ସନୁଅର ଉତ୍ତ୍ୟକ୍ତ ହୋଇ ସାବଳରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ରତ୍ନାକରଙ୍କ ହାତ ଭାଙ୍ଗି ଯାଇଥିଲା। ସେ ତଳେ ପଡ଼ି ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ସନୁଅର ଉତ୍ତ୍ୟକ୍ତ ହୋଇ ଏକ ଆଖୁ କଟା ଚାପଡ଼ ଧରି ସେଠାରେ ଉପସ୍ଥିତ ଥିବା ଝୁମୁରି ନାୟକ, ରଶ୍ମିତା ନାୟକ, ବାପିନ ନାୟକ ଓ ଲିଟୁନ ମଲ୍ଲିକଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେମାନେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନୁଅରଙ୍କୁ କାବୁ କରି ଥାନାରେ ଅଟକ ରଖିଥିଲା। ଏ ସମ୍ପର୍କରେ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର

# ଅବସର ଦିନ ଶିକ୍ଷକଙ୍କୁ ପୂର୍ଣ୍ଣ ପେନ୍‌ସନ

**କଳିଙ୍ଗନଗର,୩୧।୮ (ଶୁଭାଶିଷ ରାଉତ):** ଦାନଗଦି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ବୁଦ୍ଧରାଜା ବିଦ୍ୟାପୀଠର ପ୍ରାଥମିକ ଶିକ୍ଷକ ରବିନାରାୟଣ ଶତପଥୀ ଓ ଅଶ୍ୱତ୍ଥପାଳ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ପଙ୍କଜିନୀ ରାଉତ ୨ ଶିକ୍ଷକଙ୍କୁ ଅବସର ଦିନ ପୂର୍ଣ୍ଣ ପେନସନ ପ୍ରଦାନ କରାଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ କାର୍ଯ୍ୟାଳୟ ତରଫରୁ ଏହା କରାଯାଇଛି। ଏ ସମ୍ପର୍କରେ ଶୁଭ୍ରାଂଶୁ କହିଛନ୍ତି ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ। ଏଥିପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ। ଏହାକୁ ସ୍ଥାନୀୟ ଶିକ୍ଷକ ଓ ବୁଦ୍ଧିଜୀବୀଙ୍କ ମହଲରେ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ କଣ୍ଟ୍ରୋଲର ଅଶୋକ ମହାନ୍ତି, ଆଡିସନାଲ କଣ୍ଟ୍ରୋଲର ଦିବାରାଣୀ ଦୋରା, ଡେପୁଟି କଣ୍ଟ୍ରୋଲର ଧରିତ୍ରୀ ବରାଳ ଓ ରୋଜାଲିନ ତ୍ରିପାଠୀ ସହଯୋଗ କରିଥିଲେ। ଏନେଇ ବୁଦ୍ଧରାଜା ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ପୁହାଣ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ରାୟ, ପବିତ୍ର ମୋହନ ଜେନାମଣି, ଲୋକନାଥ ଧୀର, ରଘୁନାଥ ବେହେରା, ଚିତ୍ତରଞ୍ଜନ ଦାସ ଓ ରବିନାରାୟଣ ଶତପଥୀ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସିଂହପୁର,୩୧।୮ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ୍ ଅଧୀନ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସ୍ନାତକ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଗଗନ ବିହାରୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଶ୍ରୀକାନ୍ତ କୁମାର ନାୟକ, ମୀନକେତନ ତ୍ରିପାଠୀ, ଡ.ଅରୁଣ ସାମଲ, ଡ. ସୁବାସ ସାହୁ, ଅଧ୍ୟାପିକା ରୂପାଲି ମହାରଣା, ରୋଜାଲିନ କୁଅଁର, ମାମାନି ଆଚାର୍ଯ୍ୟ, ଗାୟତ୍ରୀ ଧଳ, ପୁଷ୍ପଲତା ଜେନା, ପ୍ରୀତିରେଖା ଭୂୟାଁ, ଝରଣା ଦେଉରୀ, ରୁବୀ ଏକା, ଡ. ଦୀପ୍ତିରଞ୍ଜନ ସେନାପତି, ଚିତ୍ତରଞ୍ଜନ ସାହୁ, ଜଳଧର ସାହୁ, ବିବେକ ମେହେର, ଚନ୍ଦନ ପତି, କମଲ ସେଠୀ, ବୈବଭ ନାୟକ ଓ ନୀଳମଣି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବିଭାଗର ଅଧ୍ୟାପକ ସତ୍ୟବ୍ରତ ସେଠୀ ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

# ଖୋଲିଲା ମନ୍ଦାରପୁର ଅଙ୍ଗନୱାଡି କେନ୍ଦ୍ର ତାଲା

**କର୍ମୀଙ୍କୁ ମିଳିଲାନି ପରିଚାଳନା ଦାୟିତ୍ୱ**



**ରସୁଲପୁର,୩୧।୮ (ରଂଜିତ ରାଉତ):** ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ମନ୍ଦାରପୁର ଗ୍ରାମସ୍ଥିତ ରାଣୀମା ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଲାଗି ରହିଥିବା ବିବାଦ ବଢ଼ିଚାଲିଛି।

ଏଠାରେ ବିଦ୍ୟାଳୟର ଜମିଦାତା ଓ ଗ୍ରାମବାସୀଙ୍କ ମଧ୍ୟରେ ରହି ଆସୁଥିବା ବିବାଦରେ ବଳି ପଡ଼ିଛନ୍ତି ଅଙ୍ଗନୱାଡି କେନ୍ଦ୍ର କର୍ମୀ ସୁଚିତ୍ରା ମହାପାତ୍ର। ଗ୍ରାମବାସୀଙ୍କ ଜିଦ୍ ସମ୍ମୁଖରେ ବିଭାଗ ମୁଣ୍ଡ ନୁଆଁଇଛି। କିଛିଦିନ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲିବା ପରେ ଶନିବାର ତାଲା ଖୋଲିଛି। ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ଗୀତାଗାୟତ୍ରୀ ରଥ, ସୁପରଭାଇଜର ମଞ୍ଜୁଲତା ଶତପଥୀ ଓ ଯାଜପୁର ସଦର ଥାନା ପୋଲିସ କେନ୍ଦ୍ରରୁ ତାଲା ଖୋଲିଛନ୍ତି। ତାଲା ଖୋଲିବା ସମୟରେ ଗ୍ରାମବାସୀ ବିରୋଧ କରିଥିଲେ। ଅଧିକାରୀ ରଥ ଓ ତାଙ୍କ ସହକର୍ମୀମାନେ ଲୋକଙ୍କୁ ବୁଝାସୁଝା କରିବାରୁ ଗ୍ରାମବାସୀ କର୍ମୀ ସୁଚିତ୍ରାଙ୍କୁ କେନ୍ଦ୍ର ମଧ୍ୟରେ ପୁରାଇ ଦେବାକୁ ବାରଣ କରିଥିଲେ। ତାଙ୍କୁ ଛାଡ଼ି ଅନ୍ୟ କେହି ଦାୟିତ୍ୱରେ ରହିଲେ କେନ୍ଦ୍ରରୁ ତାଲା ଖୋଲିବାରେ ଅସୁବିଧା ନାହିଁ ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଥିଲେ। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ ସିଡିପିଓ ରଥ ଓ ଅନ୍ୟ ସହକର୍ମୀ ଉକ୍ତ କେନ୍ଦ୍ରର ଦାୟିତ୍ୱ ନରସିଂହପୁର ପଞ୍ଚାୟତ ନୂଆ ମିର୍ଜାପୁର ଅଙ୍ଗନୱାଡି କେନ୍ଦ୍ର ଦାୟିତ୍ୱରେ ଥିବା ଦୀପ୍ତିମୟୀ ସାହୁଙ୍କ ଉପରେ ନ୍ୟସ୍ତ କରିଥିଲେ। କେନ୍ଦ୍ର ପରିଚାଳନା ଦାୟିତ୍ୱରୁ ବଞ୍ଚିତ ସୁଚିତ୍ରା କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ରାଣୀମା ଉଚ୍ଚ ବିଦ୍ୟାଳୟ ଜମିକୁ ନେଇ ଜମିଦାତା ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚାଲିଥିବା ବିବାଦ ଆପୋସ ସମାଧାନ ହୋଇଛି ବୋଲି କୁହାଯାଉଛି। ହେଲେ ବିବାଦୀୟ ଜମି ଉପରେ ହୋଇଥିବା ବିଦ୍ୟାଳୟ ଗୃହକୁ ଜମି ମାଲିକ ମହାପାତ୍ର ନିଜ ଅକ୍ତିଆରକୁ ନେବାକୁ ଜିଦ୍ ଧରିଛନ୍ତି। ଜମିଦାତା ୨୦୦୦ ରୁ ୨୦୧୦ ପର୍ଯ୍ୟନ୍ତ ବିଦ୍ୟାଳୟ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଥିଲେ। ସେ ଖାତା ନଂ-୬୧ ଓ ପ୍ଲଟ ନଂ-୫୯୮ରୁ ୧୨ଡିସିମିଲି ଜମି ବିଦ୍ୟାଳୟକୁ ଦାନ କରିଥିଲେ। ବାକି ୫୯୭ ପ୍ଲଟ ଉପରେ ଥିବା ଘର ତାଙ୍କୁ ହସ୍ତାନ୍ତର କରିବାକୁ ଦାବି କରି ସେ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଇଛନ୍ତି। ଏଥିରେ ସହଯୋଗ ନ ମିଳିଲେ ସେ ଆଇନର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।

ଏଠାରେ ଘଟଣାକୁ ନେଇ ଯାଜପୁର ସଦର ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲା ଶିକ୍ଷାଧିକାରୀ, ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି।

ଏଭଳି ଭାବରେ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ଜମିଜମା ବିବାଦକୁ ନେଇ ଗାଁରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ପୋଲିସ, ତହସିଲ ପ୍ରଶାସନ, ଗାଁର ମୁରବୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏହି ଜରିଆରେ ଗାଁରେ ଶାନ୍ତି ଫେରାଇ ଅଣାଯାଇ ପାରିବା ସହ ବିଦ୍ୟାଳୟ ଓ କେନ୍ଦ୍ରରେ ଉପୁଜିଥିବା ଉଷ୍ମ ବାତାବରଣରେ ସ୍ୱାଭାବିକ ସ୍ଥିତି ଫେରାଇ ଅଣାଯାଇ ପାରିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଆବର୍ଜନାରୁ ଶକ୍ତି ପ୍ରକଳ୍ପ ପାଇଁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୩୧।୮ (ଜଗନ୍ନାଥ ଧଳ)

ଆବର୍ଜନାରୁ ଶକ୍ତି ପ୍ରକଳ୍ପ ସ୍ୱିଡେନରେ ସଫଳ ହୋଇଛି । ଏପରି ମଡେଲକୁ ଓଡ଼ିଶାରୁ ଆରମ୍ଭ କରାଯାଉ । ଏହି ଭିତ୍ତିଭୂମୀରେ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ଶନିବାର ଦିଆଯାଇଛି । ଏସମ୍ପର୍କରେ ଯୁବକ ସଂଘ ସଭାପତି ଗୌତମ ଚରଣ ବେହେରା କହିଛନ୍ତି, ଦେଶ ବିକାଶରେ ବିଦ୍ୟୁତଶକ୍ତିର ଆବଶ୍ୟକତା ଯଥେଷ୍ଟ ଅଧିକ । ଏବେ ଜଳ, ପବନ ଓ ସୌର ଶକ୍ତିରୁ ଉତ୍ପନ୍ନ ହେଉଥିବା ଶକ୍ତି ସମସ୍ତ ସ୍ଥାନରେ ପହଞ୍ଚି ପାରୁନାହିଁ । ଅପରପକ୍ଷେ ପ୍ରତିଦିନ ଚଳଣୀରେ ଉତ୍ପନ୍ନ ଆବର୍ଜନାକୁ ନେଇ ସ୍ୱିଡେନ ସରକାର ଶକ୍ତି ସଂରକ୍ଷଣ କରି ଜନସାଧାରଣଙ୍କୁ ବିତରଣ କରୁଛନ୍ତି । ଏହାଦ୍ୱାରା ଆବର୍ଜନା ସ୍ଥାନୀୟ ଅଞ୍ଚଳରୁ ହଟିବା ସହିତ ପରିବେଶ ସୁସ୍ଥ ରହୁଛି । ଏହି ତାପଜ ବିଦ୍ୟୁତ ପ୍ରକଳ୍ପ ଯୋଗୁ ସେହି ଅଞ୍ଚଳରେ କୁଟୀର ଶିଳ୍ପ ବୃଦ୍ଧି ପାଇବ । ଦୈନନ୍ଦିନ ଚଳଣୀକୁ ଏହାଦ୍ୱାରା ସୁସଙ୍ଗଠିତ କରାଯାଇ ପାରିବ । ସେହିପରି ବିଶ୍ୱ ତାପନ ଏବେ ପାଣିପାଗ ସହ ପରିବେଶକୁ ନଷ୍ଟ କରୁଛି । ଆବର୍ଜନାକୁ ଶକ୍ତି ସଂଗ୍ରହ ପାଇଁ ଜନସଚେତନା ସୃଷ୍ଟି କରାଯାଉ ବୋଲି ଯୁବକ ସଂଘ ସଭାପତି ବେହେରା ପ୍ରକାଶ କରିଛନ୍ତି ।

### ୯୪ କାର୍ଟୁନ ଦେଶୀ ମଦ ଜବତ, ଜଣେ ଗିରଫ

ମାର୍ଶାଘାଇ,୩୧।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ ସମୟରେ ଅଙ୍ଗୁଳାଇ ପଞ୍ଚାୟତ ଛକରୁ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି । ଜବତ ମଦର ପରିମାଣ ୯୪ କାର୍ଟୁନ । ପ୍ରତି କାର୍ଟୁନରେ ୨୫ଟି ବୋତଲ ଅଛି । ଅଭିଯୁକ୍ତ ଅଙ୍ଗୁଳାଇ ଗ୍ରାମର ଜଗନ୍ନାଥ ପାଣି । ତାଙ୍କ ବିରୋଧରେ ଏକ ମାମଲା (ନଂ.୧୬୧/୨୪)ରୁଜୁ କରାଯାଇଛି । ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ପ୍ରଜ୍ଞା ପାରମିତା ଜେନା ସୂଚନା ଦେଇଛନ୍ତି ।

### ଗାଁ ମୁରବିଙ୍କ ପରଲୋକ

ରାଜକନିକା,୩୧।୮ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା ପଞ୍ଚାୟତ ବରୁଣା ଗାଁ ମୁରବୀ ତଥା ସାମାଜିକ କର୍ମୀ ଗୋପାଳ ଚରଣ ସେନାପତି(୯୩)ଙ୍କ ଶନିବାର ପରଲୋକ ହୋଇଯାଇଛି । ସେ ନିଜ ଉଦ୍ୟମରେ ଗାଁରେ ଏକ ପାଠାଗାର ପ୍ରତିଷ୍ଠା କରିଥିଲେ । ଚାକିରିରୁ ଅବସର ନେବା ପରେ ଗାଁ ତଥା ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ସେ ଲିପ୍ତ ରହିଥିଲେ । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ପୂର୍ବତନ ସରପଞ୍ଚ ଉତ୍ତମ ସେନାପତି, ପୂର୍ବତନ ସମିତି ସଭ୍ୟ ଅମର ବେହେରା, ପ୍ରାଣବନ୍ଧୁ ରାଉତ, କୀର୍ତ୍ତନ ବିଶାଳ, କିଶୋର ବାରିକ ପ୍ରମୁଖ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

### ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ରାହାମା,୩୧।୮ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାହାମା ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ 'ମା ପାଇଁ ଗଛଟିଏ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପୃଷ୍ଟି, ଶିକ୍ଷକ ପ୍ରବୀର କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ବାରିକ, ନିର୍ଲିପ୍ତ ବିଶ୍ୱାଳ, ଦୀପିକା ମୁଦୁଲି, ସଂଯୁକ୍ତା ପଣ୍ଡା ଓ ଗାୟତ୍ରୀ ବେହେରା ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାହାମା ଶାଖା ପରିଚାଳକ ମନୋଜ କୁମାର ସେଠୀ, ବ୍ୟାଙ୍କ କର୍ମଚାରୀ ଜିତେନ୍ଦ୍ର ସାହୁ, ସଂଗ୍ରାମ ମହାପାତ୍ର ,ଦିଲୀପ ମଲ୍ଲିକ, ପିଣ୍ଟୁ ମଲ୍ଲିକ, ତୁଷାର ଗୋଛାୟତ ,ବବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଫଳ ଓ ଅନ୍ୟାନ୍ୟ ଚାରା ରୋପଣ କରିଥିଲେ ।

# ବତୀଘର, ଜମ୍ବୁକୁ ସେତୁ ନିର୍ମାଣ ପ୍ରସ୍ତାବ



ଲୋକମାନେ ଡ଼ଙ୍ଗାର ନଦୀ ପାର୍ ହେଉଛନ୍ତି ।

ମହାକାଳପଡ଼ା,୩୧।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଚଳିତ ବିଧାନସଭା ଅଧିବେଶନରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି । ଶନିବାର ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ ଖରିନାଶି- ଟୁବି ନାଳ ଉପରେ ଏକ ହାଇଲେଭେଲ ବ୍ରିଜ୍ ନିର୍ମାଣ ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବାଚସ୍ପତିଙ୍କଠାରୁ ଅନୁମତି ନେଇ ପୂର୍ତ୍ତମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କହିଥିଲେ ଏହି ନାଳ ଉପରେ ଏକ ସେତୁ ନିର୍ମାଣ ପାଇଁ ନାବାର୍ଡ ଆର୍ଥିକ ସହାୟତାରେ ୩୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ।

ସେହିପରି ଜମ୍ବୁ ସଂଲଗ୍ନ ଗୋବରୀ ନଦୀ ଉପରେ ଏକ ହାଇଲେଭେଲ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏଥିପାଇଁ ବ୍ୟୟ ଅଟକଳ ୭୦ କୋଟି ଟଙ୍କା ରହିଛି । ଏହି ୨ସେତୁ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପ୍ରାରମ୍ଭିକ ସର୍ଭେ, ଡିପିଆର ରିପୋର୍ଟ ଓ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି । ଏଥିସହିତ ବିଧାୟକ ନାୟକ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର

**ବିଧାନସଭାରେ ବିଧାୟକ ଉଠାଇଲେ ସମସ୍ୟା**

ଜମି ସମସ୍ୟା, ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ପୁନରୁଦ୍ଧାର, ଶିଳ୍ପ ପ୍ରତିଷ୍ଠା, ଜମିକୁ କେନାଲରେ ଜଳସେଚନ ବ୍ୟବସ୍ଥା, ବିଭିନ୍ନ ଐତିହାସିକ ପୀଠର ପୁନରୁଦ୍ଧାର, ପର୍ଯ୍ୟଟନସ୍ଥଳୀର ମାନ୍ୟତା ସହିତ ବହୁଚର୍ଚ୍ଚିତ ଗହଗାପାଟର ବର୍ଷା ଓ ବନ୍ୟା ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଏ ସଂକ୍ରାନ୍ତରେ ବତୀଘର ପଞ୍ଚାୟତ ସମିତି ସଭ୍ୟ କ୍ରୀଷ୍ଣପଦ ମଣ୍ଡଳ କହିଛନ୍ତି, ଦୀର୍ଘଦିନ ଧରି ସେତୁ ନିର୍ମାଣ ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବିହୋଇ ଆସୁଥିଲା । ପୂର୍ବ ସରକାର ସମୟରେ ବତୀଘର ପଞ୍ଚାୟତକୁ ଅଣଦେଖା କରାଯାଇଥିଲା । ସେତୁ ନିର୍ମାଣକୁ ପଞ୍ଚାୟତବାସୀ ସ୍ୱାଗତ କରିଛନ୍ତି ବୋଲି ମଣ୍ଡଳ କହିଛନ୍ତି ।

# ସ୍ୱାୟତ୍ତ ଶାସନ ଦିବସ ସମାରୋହ

## ପଟ୍ଟାମୁଣ୍ଡାଇ ଏକ ବୃହତ୍ତମ ସହରର ମାନ୍ୟତା ପାଇବ




ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକ ।

ପଟ୍ଟାମୁଣ୍ଡାଇ,୩୧।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରପରିଷଦରେ ୩୬ତମ ସ୍ୱାୟତ୍ତ ଶାସନ ଦିବସ ପୌରାଧକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ମ୍ୟୁନିସପାଲିଟି ପ୍ରେକ୍ଷାଳୟଠାରେ ପାଳିତ ହୋଇଯାଇଛି । ସକାଳେ ରାମଧୂନ୍, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧକ୍ଷ ସାହୁଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ସ୍ୱାୟତ୍ତ ଶାସନ ହେଉଛି ଲୋକମାନଙ୍କ ଓ ଲୋକମାନଙ୍କ ଦ୍ୱାରା ଶାସନ । ସହରର ବିକାଶ ପାଇଁ ଯାହା ବି ଖସଡ଼ା ପ୍ରସ୍ତୁତ ହୁଏ ତାହା ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ହିଁ ପ୍ରସ୍ତୁତ କରିଥାଆନ୍ତି । ପଟ୍ଟାମୁଣ୍ଡାଇ ପୌରପାଳିକାରେ କେତେକ ଉନ୍ନତିମୂଳକ କାମ ଶେଷ ହୋଇଛି । ଆହୁରି ଅନେକ କାମ ଆରମ୍ଭ ହେବ । ଭବିଷ୍ୟତରେ ପଟ୍ଟାମୁଣ୍ଡାଇ ଏକ ବୃହତମ ସହର ଭାବେ ଉଭା ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ କାଉନସିଲର ମଳୟ ଓଝା, ସୁବାସ ମଲିକ,ମଧୁସ୍ମିତା ମଲିକ, ପ୍ରିୟଙ୍କା ସେଠୀ, ଝରଣା ବେହେରା,ରିନା ମଲିକ, ସନ୍ତୋଷ ଦାସ, ସୁଧାମୟ ମଲିକ, ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢୀ ପ୍ରମୁଖ ଯୋଗଦେଇଥିଲେ । କାଉନସିଲରମାନେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଧାୟକ ନିକଟରେ ଦାବି ଉପସ୍ଥାପନ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ବିବରଣୀ ପାଠ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ପୌରକର୍ମଚାରୀ ଓ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପୌରଅଧକ୍ଷ ସାହୁ ମଞ୍ଚ ପରିଚାଳନା କରିଥିବ ବେଳେ ଇଂ. ଜଳନ୍ଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ



ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବୈଠକରେ ଶିକ୍ଷକମାନଙ୍କ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରାଯାଉଛି ।

ରାଜନଗର,୩୧।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ରାଜ ରାଜେଶ୍ୱରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଚିତ୍ରାନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷକମାନଙ୍କ ମୌଳିକ ସମସ୍ୟା, ବିଦ୍ୟାଳୟ ସୁପରିଚାଳନା, କ୍ଲଷ୍ଟରସ୍ତରୀୟ ପ୍ରତିନିଧି ନିର୍ବାଚନ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । କେନ୍ଦ୍ର ସରକାର ୟୁପିଏସ୍ ନୂତନ ପେନସନ ପଲିସି ଲାଗୁ କରିଥିବାରୁ ଏହାକୁ ଶିକ୍ଷକ ମହଲରେ ଦୃଢ଼ ନିନ୍ଦା କରାଯାଇଥିଲା । ଏହି ପେନସନ ଯୋଜନାରେ କିଛି ନୂତନତ୍ୱ ନାହିଁ । ଓପିଏସ୍ (ପୁରୁଣା ପେନସନ ଯୋଜନା) ଏକମାତ୍ର ବିକଳ୍ପ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଦାମୋଦର ରାଉତ, ସଭାପତି ସୁଖିଶ୍ୟାମ ରାଉତ, ରାଜ୍ୟ ସଭାପତି ନରେଶ ପାତ୍ର, ଶିକ୍ଷକନେତା ପ୍ରଶାନ୍ତ କୁମାର ସେଠୀ, ଉତ୍ତମ କୁମାର ମଲିକ, ମଧୁସୂଦନ ସାହୁ, ମୁକୁଳେନ୍ଦୁ ଘଡାଇ, ସମରେନ୍ଦ୍ର ସାହୁ, ରବିନ୍ଦ୍ର ସ୍ୱାଇଁ, ଦୋଳଗୋବିନ୍ଦ ସେଠୀ, ଦାମୋଦର ବିଶ୍ୱାଳ, ବେଣୁଧର ମହାସେଠୀ, ବ୍ରହ୍ମାନନ୍ଦ ପରିଡ଼ା, ସଞ୍ଜୟ କୁମାର ସେଠୀ, କୁଞ୍ଜ ବିହାରୀ ସାହାଣୀ, ରଞ୍ଜନ କୁମାର ସାମଲ, ଉପେନ୍ଦ୍ର କୁମାର ପରିଆଳ, କୁମୁଦ ମଲିକ, ନଳିନୀ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ହେମନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ ।

### ବଜ୍ରପାତରେ ମୃତ ଚାଷୀଙ୍କ ପରିବାରକୁ ସହାୟତା

ପଟ୍ଟାମୁଣ୍ଡାଇ, ୩୧।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଶିଆ ପଞ୍ଚାୟତ ବାସୁଦେବପୁର ଗାଁର ବିଜୟ ମଲିକ ଚାଷ କାମ କରୁଥିବାବେଳେ ୧୮ ଦିନ ତଳେ ଆକସ୍ମିକ ଭାବେ ବଜ୍ରପାତ ଘଟି ତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହାତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସା ହେଉଥିଲେ । ମୃତ ବିଜୟଙ୍କ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ । ଏହି ଖବର ପାଇ କଳିଙ୍ଗ ନବଦିଗନ୍ତ ସାମାଜିକ ସଙ୍ଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ସଭାପତି ବିଜୟ ଦାସ, ଦାଶରଥି ସାହୁ, ଶିଶିର ଓଝା, ପ୍ରକାଶ କୁଣ୍ଡ, ପ୍ରକାଶ ମହାନ୍ତି, ପ୍ରଦୀପ ଜେନା, ସନ୍ତୋଷ ସାହୁ, ଶିଶିର ଓଝା, କୁଳମଣି ଦାସ, ଉଦୟ ଭାନୁ ସାହୁ, ସନ୍ତୋଷ ଦାସ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ୫ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହା ସହ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ଏବଂ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନର ଦୃଷ୍ଟି ଆର୍କଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### ସମସ୍ତଙ୍କ ସହଯୋଗରେ ପୌରାଞ୍ଚଳର ବିକାଶ ସମ୍ଭବ




ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ ।

କେନ୍ଦ୍ରାପଡ଼ା,୩୧।୮ (ଜଗନ୍ନାଥ ଧଳ)

ରାଜ୍ୟର ସର୍ବପୁରାତନ ଭାବେ ମାନ୍ୟତାପ୍ରାପ୍ତ କେନ୍ଦ୍ରାପଡ଼ା ମ୍ୟୁନିସପାଲିଟି ବିକାଶ ଦ୍ରୁତ ଗତିରେ ଆଗେଇ ଚାଲିଛି । ରାଜ୍ୟ ସରକାର ଏହି ସହରର ଆର୍ଥିକ, ସାମାଜିକ, ସାଂସ୍କୃତିକ ବିକାଶ ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି । ଏହାକୁ ତ୍ୱରାନ୍ୱିତ କରିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ୧୫୬ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି । ସହରର ଟାଉନ ହଲଠାରେ ଏହି ଦିବସ ଶନିବାର ପାଳନ କରାଯାଇଥିଲା । ପୌରାଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ବେହେରା ଯୋଗ ଦେଇ କହିଥିଲେ, ପୌରାଞ୍ଚଳର ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଇଛି । ଏହାର ପରିସୀମା ବୃଦ୍ଧି କରାଗଲେ ବର୍ତ୍ତମାନଠାରୁ ପ୍ରାୟ ଦୁଇଗୁଣା ଲୋକସଂଖ୍ୟା ରହିବେ । ଏହାକୁ ଦୃଷ୍ଟିରେ ରଖାଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି । ରାଜ୍ୟର ସର୍ବ ପୁରାତନ ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟ ଜାରି ରହିଛି । ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ତ୍ୱରାନ୍ୱିତ ପାଇଁ ମୁଖ୍ୟଅତିଥି ବେହେରା ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ରଖିଥିଲେ । ଏହି ସଭାରେ ମୁଖ୍ୟବକ୍ତା ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ସମ୍ମାନୀତ ଅତିଥି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଡିଏମ୍ ନିଲୁ ପ୍ରଧାନ, ଉପାଧ୍ୟକ୍ଷା ଆକବରୀ ଖାତୁନ, ଏମ୍‌ପିଙ୍କ ପ୍ରତିନିଧି ମହମ୍ମଦ ସଲିମ ଯୋଗ ଦେଇ ନିଜର ମତ ଉପସ୍ଥାପନ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପୌରାଞ୍ଚଳର ଆୟ, ବ୍ୟୟ, ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହାପୂର୍ବରୁ ପୌରାଞ୍ଚଳ ପାଇଁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା । ସଭାରେ ପୌରପାଳିକାର ସମସ୍ତ ସଭ୍ୟାସଭ୍ୟ ଓ ସ୍ଥାନୀୟ ଅଧିବାସୀ ଯୋଗ ଦେଇଥିଲେ ।

# ମହାସାହାଣୀ-ପାଳପାଟଣା ସେତୁ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ନାହିଁ :ମନ୍ତ୍ରୀ

ପଟ୍ଟାମୁଣ୍ଡାଇ,୩୧।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଳି ଓ ରାଜନଗର ବ୍ଲକର ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ୨୦୧୩ରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରାହ୍ମଣୀ ନଦୀ ଉପରେ ମହାସାହାଣୀ-ପାଳପାଟଣା ସେତୁ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା । ଜାତୀୟ ଜଳପଥ ଯୋଜନାରେ ସାମିଲ କରାଯାଇ ୨୦୧୭ରେ ୩୬ କୋଟି ୮ଲକ୍ଷ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଗଲା । ମାତ୍ର ଟେଣ୍ଡର ପାଇଥିବା ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରିବାରୁ ୨୦୨୩ ଶେଷ ଭାଗରେ ଏହି ଟେଣ୍ଡରକୁ ବିଭାଗୀୟ କର୍ତ୍ତୃପକ୍ଷ ବାତିଲ କରିଦେଇଥିଲେ । ପଟ୍ଟାମୁଣ୍ଡାଇ ଓ ରାଜନଗରବାସୀଙ୍କ ଦାବି ଓ ଭାବାବେଗକୁ ସମ୍ମାନ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ଏହି ସେତୁର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଚଳିତ ବିଧାନସଭା ଅଧିବେଶନରେ ସରକାର ରାଜ୍ୟରେ କେତେ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ କରିଛନ୍ତି । ଏଥିପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିସହିତ ରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନ ମହାସାହାଣୀ -ପାଳପାଟଣା ସେତୁ ନିର୍ମାଣ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ । ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ନିର୍ମାଣ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୫୯ଟି ନୂତନ ସେତୁ ନିର୍ମାଣ ପାଇଁ ୪୪୧୨. ୭୧କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ମାତ୍ର ମହାସାହାଣୀ -ପାଳପାଟଣା ସେତୁ ନିର୍ମାଣ ପାଇଁ ଏବେ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ବିଧାନସଭାରେ ପ୍ରକାଶ କରିଛନ୍ତି । ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତର ପରେ ମହାସାହାଣୀ-ପାଳପାଟଣା ସେତୁ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି ।

### ମାର୍ଶାଘାଇ ଉଚ୍ଚବିଦ୍ୟାଳୟ ପରିସରରେ ଚାରାରୋପଣ

ମାର୍ଶାଘାଇ,୩୧୦୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କେନ୍ଦ୍ରାପଡ଼ା ବଜାର ଶାଖା ପକ୍ଷରୁ ଚାରା ରୋପଣ କରାଯାଇଥିଲା । ସାମାଜିକ ଉତ୍ତରଦାୟିତ୍ୱ ଅଧୀନରେ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ମହାପ୍ରବନ୍ଧକ ମୁକେଶ କୁମାର ସାମଲ ଯୋଗଦେଇ ଚାରାରୋପଣ କରିଥିଲେ । ବିଭିନ୍ନ ପ୍ରଜାତିର ଶତାଧିକ ଚାରାରୋପଣ କରାଯାଇଥିଲା । ପରିବେଶର ସନ୍ତୁଳନରେ ବୃକ୍ଷ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ବୃକ୍ଷ ବଞ୍ଚିଲେ ଜୀବଜଗତ ବଞ୍ଚିବ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବର ଛାତ୍ରମାନେ ଏଥିରେ ସହଯୋଗ କରିଥିଲେ ।

# ପୂର୍ବତନ ବ୍ଲକ୍ ଉପାଧକ୍ଷଙ୍କ ପରଲୋକ

ବାଲିକୁଦା,୩୧।୮ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ମୂଲୁଗାଁ ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ବାଲିକୁଦା ବ୍ଲକର ପୂର୍ବତନ ଉପାଧକ୍ଷ, କରମଙ୍ଗ ଶାରଳା ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠାତା ନରେନ୍ଦ୍ରନାଥ ମହାନ୍ତି(୯୪)ଙ୍କ ଶନିବାର କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ସେ ବାର୍ଦ୍ଧକ୍ୟଜନିତ ରେଗରେ କିଛି ଦିନ ହେବ ଚିକିତ୍ସିତ ଥିଲେ । ବୁଢ଼ା ବାବୁ ଭାବେ ସେ ସାରା ଅଞ୍ଚଳରେ ଜଣାଶୁଣା ଥିଲେ । ସେ ସାରଳା ସଂସ୍କୃତ ମହାବିଦ୍ୟାଳୟ, ମୂଲୁଗାଁ ସେବା ସମବାୟ ସମିତି, ଆୟୁର୍ବେଦିକ ଡାକ୍ତରଖାନା, ସିଙ୍ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ନିର୍ମାଣ କରି ପଞ୍ଚାୟତକୁ ଭିନ୍ନ ପରିଚୟ ଦେଇଥିଲେ । ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଞ୍ଚଳର ସେବା କରିବା ସକାଶେ ରାଜନୀତିକୁ ଆପଣେଇ ମୂଲୁଗାଁ-କୃଷ୍ଣଦାସପୁର ପଞ୍ଚାୟତରୁ ୧୯୫୧ରୁ ଲଗାତାର ଭାବେ ୪ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ପଞ୍ଚାୟତ ପୁନଃର୍ଗଠନ ପରେ ମୂଲୁଗାଁକୁ ସ୍ୱତନ୍ତ୍ର ପଞ୍ଚାୟତ ଗଠନରେ ତାଙ୍କର ଭୂମିକା ଅବର୍ଣ୍ଣନୀୟ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପଞ୍ଚାୟତ ଭ୍ରମଣ କରାଯାଇଥିଲା । ଏଥିରେ ପଞ୍ଚାୟତର ବହୁ ମୁରବୀ ସାମିଲ ହୋଇଥିଲେ । ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ବିଧାୟକ ସାରଦା ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଲଲାଟେନ୍ଦୁ ମହାପାତ୍ର ଓ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି । ସରପଞ୍ଚ ଦଧିବାବନ ମଲ୍ଲିକ, ସମିତିସଭ୍ୟା ତୃପ୍ତିମୟୀ ମଲ୍ଲିକ, ପୂର୍ବତନ ସମିତି ସଭ୍ୟା ତୃପ୍ତିମୟୀ ଦେଠୀ, ଦିଲ୍ଲୀପ ସ୍ୱାଇଁ, ଶାରଳା ସଂସ୍କୃତ ମହାବିଦ୍ୟାଳୟର ସଭାପତି କୈଳାସ ବିଶ୍ୱାଳ, ଶିକ୍ଷକ ନେତା ଗନ୍ଧର୍ବଚରଣ ସାହୁ, ବାବନ ଚରଣ ସ୍ୱାଇଁ, ଶରତ ମଲ୍ଲିକ, ଶାରଳା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଅଜୟ ମୁଦୁଲି, ରମାକାନ୍ତ ଜେନା ପ୍ରମୁଖ ଶେଷକୃତ୍ୟେ ସମ୍ପନ୍ନରେ ସହଯୋଗ କରିଥିଲେ ।

# ସିଙ୍ଗିରି ପରିବା ହାଟ ବିପଦସଙ୍କୁଳ

ଆଳି,୩୧।୮ (ବନମାଳୀ ସେନାପତି)



ଅବ୍ୟବସ୍ଥା ଅବସ୍ଥାରେ ସିଙ୍ଗିରି ପରିବା ହାଟ ।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସିଙ୍ଗିରି ବଜାର ପରିବା ହାଟ ଲୋକଙ୍କ ପାଇଁ ବିପଦସଙ୍କୁଳ ହୋଇଛି । କଟକ-ଚାନ୍ଦବାଲି ରାସ୍ତାର ସିଙ୍ଗିରି ବଜାର ଉପରେ ଦୀର୍ଘଦିନ ହେବ ଏହି ପରିବା ହାଟ ବସୁଛି । ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଆଳି ନିଆଳ ହାଟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ସକାଳ ସମୟରେ ନିଆଳ ହାଟରେ ବ୍ୟବସାୟ ସାରି ସିଙ୍ଗିରି ବଜାରରେ ସନ୍ଧ୍ୟା ସମୟରେ ହାଟ ବସାଉଛନ୍ତି । ଏହି ହାଟଟି କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା କଡ଼ରେ ହେଉଥିବାରୁ ତାହା ସାଧାରଣ ଲୋକଙ୍କ ପାଇଁ ବିପଦର କାରଣ ହୋଇଛି । ଏହି ହାଟ ଉପରେ ସ୍ଥାନୀୟ ସିଙ୍ଗିରି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୁରୁଷ ନିଜର ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନିର୍ଭର କରିଥାଆନ୍ତି । ଲୋକମାନେ ନିଜର ଆବଶ୍ୟକ ସାମଗ୍ରୀ କିଣି ସାରି ବ୍ୟସ୍ତବହୁଳ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ପାର ହେଉଛନ୍ତି । ଏପରି କି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ରଖି ଦେଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଅଧିକାଂଶ ସମୟରେ ରାସ୍ତା ପାର ହେବା ସମୟରେ ଦୁର୍ଘଟଣା ମଧ ଘଟୁଥିବା ନଜିର ରହିଛି । ଏ ନେଇ ସ୍ଥାନୀୟ ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ହାଟକୁ ଆସୁଥିବା ଲୋକମାନଙ୍କ ଜୀବନ ପ୍ରତି ବିପଦ ରହିଛି । ଯେଉଁ ସ୍ଥାନରେ ହାଟ ହେଉଛି ସେଠାରେ ପ୍ରବଳ ଗହଳି ହେଉଥିବା ବେଳେ ଲୋକମାନେ ରାସ୍ତା ପାର ହେବା ସମୟରେ କେତେବେଳେ ଯେ କ'ଣ ଅଘଟଣ ଘଟିବ ତାହା କହିହେବନି । ଆଳି ବ୍ଲକର ସ୍ୱେଶାଲ ଫଣ୍ଡରୁ ସିଙ୍ଗିରିଠାରେ ଏକ ହାଟ ନିର୍ମାଣ ନିମନ୍ତେ ୨ ବର୍ଷ ହେବ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉନି । ଏ ନେଇ ସରପଞ୍ଚ ଦାସ ଗତ ପଞ୍ଚାୟତ ସମିତି ବୈଠକରେ ପ୍ରଶ୍ନ ଉଠାଇଥିଲେ । ହେଲେ କୌଣସି ସୁଫଳ ମିଳି ନ ଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ହାଟ ନିର୍ମାଣ କରିବା ନିମନ୍ତେ ସରପଞ୍ଚ ଦାସ ଦାବି କରିଛନ୍ତି ।

## ବିଜ୍ଞାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଓଡ଼ଗାଁ,୩୧।୮ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅନ୍ତର୍ଗତ କୁରାଳ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚିନ୍ତାମଣି ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୂଖ୍ୟ ଅତିଥିଭାବେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ସାହୁ, ସମ୍ମାନୀତ ଅତିଥି ସରପଞ୍ଚ ବିଜନ ପାଇକରାୟ,ମୋ ସ୍କୁଲ ସଭାପତି ପବିତ୍ର ମୋହନ ମିଶ୍ର,ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ରଥ,ସିଆରସିସି ମନୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକତାର ମୂଲ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ପାଣିଗ୍ରାହୀଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷକ ରାକେଶ କୁମାର ନାୟକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ମାଣ୍ଡିଆ ଚାଷୀଙ୍କୁ ଅଣଦେଖା

ନୟାଗଡ଼,୩୧।୮ (ଲୋକନାଥ ମିଶ୍ର)



- ଚାଷୀଙ୍କ ନାଁରେ ଲାଭ ଉଠାଉଛନ୍ତି ଏନ୍‌ଜିଓ
- କାଗଜକଲମରେ ହେଉନି ଧାର୍ଯ୍ୟ ଲକ୍ଷ୍ୟ ପୂରଣ
- ଶ୍ରୀଅନ୍ନ ଅଭିଯାନ ବାଟବଣା
- ଜିଲାର ୫ବ୍ଲକରେ ମାଣ୍ଡିଆ ଚାଷ

ସରକାର ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଥିବାବେଳେ ନୟାଗଡ଼ ଜିଲାରେ ଏହି ଚାଷୀ ପ୍ରତି ଆଗ୍ରହ ନାହିଁ। ମାଣ୍ଡିଆ ଚାଷରେ ଚାଷୀଙ୍କୁ ଅଣଦେଖା କରାଯାଉଥିବାରୁ ଜିଲାରେ ଶ୍ରୀଅନ୍ନ ଯୋଜନା ବାଟବଣା ହେବାକୁ ଯାଉଛି ବୋଲି ଅଭିଯୋଗ ହୋଇଛି। ଓଡ଼ିଶା ମିଲେଟ୍ସ ମିଶନ ପକ୍ଷରୁ ଏନ୍‌ଜିଓମାନଙ୍କ ଦ୍ୱାରା କରାଯାଉଥିବା ମାଣ୍ଡିଆ ଚାଷକୁ ନେଇ ଯେଉଁ ବାହାବା ନିଆଯାଉଛି ସେଥିରେ ଚାଷୀ ଫାଇଦା ପାଉନି। ମାଣ୍ଡିଆ ଚାଷ ଦ୍ୱାରା ଏନ୍‌ଜିଓ ଲାଭରେ ରହୁଥିବାବେଳେ ଚାଷୀ ଉପେକ୍ଷିତ ହେଉଥିବାରୁ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ନୟାଗଡ଼ ଜିଲାରେ କାମ କରୁନି। କୃଷି ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ଦିଆଯାଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ଧାର୍ଯ୍ୟଲକ୍ଷ ଓ ଧାର୍ଯ୍ୟ ହାସଲକୁ ଦେଖିଲେ ମାଣ୍ଡିଆ ଚାଷ ନୟାଗଡ଼ ଜିଲାରେ ବିଫଳ ହୋଇଛି ତାହା ସ୍ପଷ୍ଟ ହୋଇଛି। ବିଗତ ଦିନରେ ଗଞ୍ଜାମ ଜିଲାରୁ ମାଣ୍ଡିଆ କିଣି ନୟାଗଡ଼ ଜିଲାରେ ଚାଷକୁ ସଫଳ କରାଯାଉଛି ବୋଲି ଅଭିଯୋଗ ଥିଲା।

ସୂଚନା ଅନୁଯାୟୀ, ଜିଲାରେ ୮ଟି ବ୍ଲକ୍ ରହିଥିବାବେଳେ ଓଡ଼ଗାଁ, ଦଶପଲ୍ଲା, ନୂଆଗାଁ, ଗଣିଆ ଓ ଭାପୁର ଆଦି ୫ ବ୍ଲକରେ ମାଣ୍ଡିଆ ଚାଷ ହେଉଛି। ନୟାଗଡ଼, ଖଣ୍ଡପଡ଼ା ଓ ରଣପୁର ମାଣ୍ଡିଆ ଚାଷରୁ ବାଦ୍ ପଡିଛି। ଜିଲାର ଓଡ଼ଗାଁ ବ୍ଲକର ୨୦ ପଞ୍ଚାୟତ, ଦଶପଲ୍ଲା ବ୍ଲକର ୮, ନୂଆଗାଁ ବ୍ଲକର ୧୭, ଗଣିଆ ବ୍ଲକର ୮, ଭାପୁର ବ୍ଲକର ୧୩ ଏପରି ମୋଟ୍ ୬୬ ପଞ୍ଚାୟତରେ ମାଣ୍ଡିଆ ଚାଷ ହେଉଛି ବୋଲି ସରକାରୀ ରିପୋର୍ଟ କହୁଛି। ୬୬ ପଞ୍ଚାୟତ ମଧ୍ୟରୁ ଓଡ଼ଗାଁ ବ୍ଲକର ୧୦୬୩, ଦଶପଲ୍ଲା ବ୍ଲକରେ ୧୪୬୭, ନୂଆଗାଁ ବ୍ଲକର ୧୪୯୩, ଗଣିଆ ବ୍ଲକର ୧୦୧୪, ଭାପୁର ବ୍ଲକର ୭୫୫ ଚାଷୀ ମାଣ୍ଡିଆ ଚାଷରେ ସାମିଲ ହୋଇଛନ୍ତି। ଅପରପକ୍ଷେ ଜିଲାରେ ମାଣ୍ଡିଆ ଚାଷ ପାଇଁ ୨୨୭୫ ହେକ୍ଟର ଜମି ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ମାତ୍ର ୬୯୨.୪୦ ହେକ୍ଟର ଜମିରେ ଚାଷ ହୋଇଛି। ଚାଷ କରାଯାଉଥିବା ୫ ବ୍ଲକରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରି ନ ଥିବା ରିପୋର୍ଟରୁ ଜଣାପଡୁଛି। ଓଡ଼ଗାଁ ବ୍ଲକର ୫୦୫ ହେକ୍ଟର ମାଣ୍ଡିଆ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୩୮.୨୦ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଛି। ସେହିଭଳି ୫୦୫ ହେକ୍ଟର ଧାର୍ଯ୍ୟଲକ୍ଷ ମଧ୍ୟରୁ ଦଶପଲ୍ଲା ବ୍ଲକର ୩୫.୮୦ହେକ୍ଟର, ନୂଆଗାଁ ବ୍ଲକର ୩୨୨.୬୦ ହେକ୍ଟର, ଗଣିଆ ବ୍ଲକର ୧୮୫.୮୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ ଧାର୍ଯ୍ୟ ହାସଲ ହୋଇଛି। ପୁଣି ଭାପୁର ବ୍ଲକର ୨୫୫ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେବାକୁ ଧାର୍ଯ୍ୟଲକ୍ଷ ଥିବାବେଳେ ମାତ୍ର ୧୧୦ ହେକ୍ଟର କରାଯାଇଛି। ଜିଲାରେ ସବୁଠାରୁ ନୂଆଗାଁ ବ୍ଲକର ଅଧିକ ଓ ଦଶପଲ୍ଲା ବ୍ଲକରେ ସବୁଠାରୁ କମ ମାଣ୍ଡିଆ ଚାଷ ହୋଇଛି।

### ଅଣ ମାଣ୍ଡିଆ ଚାଷ ବି ପଛରେ

ସୁଆଁ, ଜହ୍ନା, ବାଜରା, କାଙ୍ଗୁ ପରି ଅଣ ମାଣ୍ଡିଆ ଚାଷରେ ବି ନୟାଗଡ଼ ପଛୁଆ ହୋଇ ରହିଛି ବୋଲି କୃଷି ବିଭାଗରୁ ମିଳିଥିବା ରିପୋର୍ଟ କହୁଛି। ଜିଲାରେ ୨୨୫ ହେକ୍ଟର ଜମିରେ ଅଣମାଣ୍ଡିଆ ଚାଷ ହେବାକୁ ଲକ୍ଷ୍ୟଧାର୍ଯ୍ୟ ଥିବାବେଳେ ୧୨୭.୪୦ ହେକ୍ଟର ଜମିରେ ଚାଷ ହୋଇଛି, ଯାହାକି ସରକାରୀ ଟାର୍ଗେଟକୁ ମଧ୍ୟ ପୂରଣ କରି ପାରିନାହିଁ। ଓଡ଼ଗାଁ ବ୍ଲକର ୪୫ ହେକ୍ଟର ଜମିରେ ଅଣ ମାଣ୍ଡିଆ ଚାଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୩.୬୦ ହେକ୍ଟରରେ ଚାଷ ହୋଇଛି। ସେହିଭଳି ୪୫ ହେକ୍ଟର ଟାର୍ଗେଟରୁ ଦଶପଲ୍ଲା ବ୍ଲକରେ ୨୮.୮୦ ହେକ୍ଟର, ନୂଆଗାଁ ବ୍ଲକର ୨୮.୪୦ ହେକ୍ଟର, ଗଣିଆ ବ୍ଲକର ୩୨.୮୦ ଓ ଭାପୁର ବ୍ଲକର ୩୩.୮୦ ହେକ୍ଟର ଜମିରେ ଅଣ ମାଣ୍ଡିଆ ଚାଷ ହୋଇଛି। ଏନେଇ ଭାପୁରର ସୁଦାମ ପ୍ରଧାନ, ଗଣିଆର ବିପ୍ର ନାୟକ, ନୂଆଗାଁର ବିରୁପାକ୍ଷ ସାହୁ, ଓଡଗାଁର ସଦାଶିବ ସ୍ୱାଇଁ କୁହନ୍ତି, ସରକାର ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଥିବା ସ୍ୱାଗତ ଯୋଗ୍ୟ। ପୂର୍ବ ସରକାର ମାଣ୍ଡିଆ ଚାଷକୁ ଅଣଦେଖା କରିଥିଲେ ବି ଚାଷୀ ଚାଷ କରୁଥିଲେ। ପ୍ରୋତ୍ସାହନ ଅଭାବରୁ ଜିଲାରେ ମାଣ୍ଡିଆ ଚାଷ ହ୍ରାସ ପାଇଲା। ଏବେ ସରକାରୀ ଅନୁଦାନ ମିଳୁଥିଲେ ମଧ କାହିଁକି ଧାର୍ଯ୍ୟଲକ୍ଷ୍ୟ ପୂରଣ ହେଉନି ତାର କାରଣ ଖୋଜା ଯାଉନି। ଏପରିକି ସମୀକ୍ଷା ଠିକରେ କରାଯାଉନି। ଚାଷୀଙ୍କୁ ସରକାର ପ୍ରାଧାନ୍ୟ ଦେବା ବଦଳରେ ଏନଜିଓକୁ ଗୁରୁତ୍ୱ ଦେଉଥବାରୁ ଯୋଜନା ଜିଲାରେ ବାଟବଣା ହୋଇ ଚାଲିଛି ବୋଲି କହିଥିଲେ।

## ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଖଣ୍ଡପଡ଼ା,୩୧।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ରାମଧୁନ ସଙ୍ଗୀତ ଗାନ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଅଳ୍ପ ସଂଖ୍ୟକ କାଉନସିଲର ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରି ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରି ବାସ୍ତବରେ ଯେଉଁ ଲକ୍ଷ୍ୟନେଇ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ରାଜ୍ୟରେ ଲାଗୁ କରାଯାଇଥିଲା ତାହା ସହରବାସୀଙ୍କ ସମସ୍ୟା ଦୂର କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଖଣ୍ଡପଡ଼ା ସହରକୁ ସରସ ସୁନ୍ଦର ଓ ସବୁଜ କରିବା ପାଇଁ ସହରବାସୀଙ୍କ ସକ୍ରୀୟ ସହଯୋଗ କାମନା କରିଥିଲେ। ଖଣ୍ଡପଡ଼ା ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଏ ଅବସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଏନ୍‌ଏସି କର୍ମଚାରୀମାନଙ୍କୁ ଅଧ୍ୟକ୍ଷାଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଧଳଙ୍କପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧାରୀ ଡ.ଅଭିଷାର ପଣ୍ଡାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ବିରୋଧି କାଉନସିଲରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଏନଏସି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ବଡଖାନା କାର୍ଯ୍ୟକ୍ରମ ଜରିଆରେ ଏନ୍‌ଏସି କର୍ତ୍ତୃପକ୍ଷ ଅପ୍ୟାୟିତ କରିଥିଲେ ।




ସ୍ୱାୟତ୍ତ ଶାସନ ଦିବସ ଅବସରରେ ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଜଣେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଓଡ଼ଗାଁ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ସମାରୋହ



ସ୍ୱାୟତ୍ତ ଶାସନ ଦିବସ ଅବସରରେ ମଞ୍ଚାସୀନ ଅତିଥି।

ଓଡ଼ଗାଁ ୩୧।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୁଲ୍ୟରେ ଶନିବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ-୨୦୨୪ ପାଳିତ ହୋଇଛି । କାର୍ଯ୍ୟକ୍ରମ ଅନୁସାରେ ଭୋର ୪ଟାରେ ରାମଧୂନ ସହିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ପରିଷଦ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ବିଜୁ କଲ୍ୟାଣ ମଣ୍ଡପ ପରିସରରେ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଜିଲା ସହରାଞ୍ଚଳ ବିକାଶ ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ସୁମନ ବେହେରା ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଓ ଅତିରିକ୍ତ ତହସିଲଦାର ଶ୍ରୀନୁ ଏବଂ ବିଶେଷ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

ବିଧାୟକ ସାହୁ ସ୍ଥାନୀୟ ଓଡ଼ଗାଁ ଏନଏସି ସାରା ରାଜ୍ୟରେ ଭିତ୍ତିଭୂମି ନିର୍ମାଣରେ ଅଗ୍ରଣୀ ରହିଥିବା ବେଳେ ଏସବୁର ରକ୍ଷଣାବେକ୍ଷଣ ଦାୟିତ୍ୱ ସମସ୍ତଙ୍କ ବୋଲି କହିଥିଲେ । ମୁଖ୍ୟବକ୍ତା ବେହେରା ହୋଲଡିଂ ଟ୍ୟାକ୍ସ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟ ଅତିଥିମାନେ ସ୍ଥାନୀୟ ଏନଏସି ଅଞ୍ଚଳ ବିକାଶ ହୋଇଥିବା ଦୋହରାଇଥିଲେ । ପ୍ରାରମ୍ଭରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଲୋକକଳା ଆଧାରିତ ନୃତ୍ୟନାଟିକା ପ୍ରଦର୍ଶିତ ହୋଇଥିଲା । ନିର୍ବାହୀ ଅଧିକାରୀ ବାର୍ଷିକ ବିବରଣୀ ପାଠ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଦିନରେ ଏନଏସିରେ ହେବାକୁ ଥିବା ଗୋଶାଳା, ନୂତନ ବସତି ସ୍ଥାପନ, ବସ୍‌ଷ୍ଟାଣ୍ଡ ନିର୍ମାଣକୁ ତ୍ୱରାନ୍ୱିତ କରିବା, ଗୋଷ୍ଠୀ ଶୌଚାଳୟ ଆଦି ସମ୍ପର୍କରେ ସୂଚନା ଦେଇଥିଲେ । ଶେଷରେ ଅତିଥିମାନେ ୧୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ । ସ୍ୱଚ୍ଛ କର୍ମୀଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଖବରଦାତାଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମୁଖ୍ୟ ରାସ୍ତାପାର୍ଶ୍ୱରେ ଭେଣ୍ଡିଂ ଜୋନ୍ ନିର୍ମାଣକୁ ବିରୋଧ

ଖଣ୍ଡପଡ଼ା,୩୧।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱ ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଏସି ପକ୍ଷରୁ ଭେଣ୍ଡିଂଜୋନ ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ଷକ ତଳେ ଉକ୍ତ ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ବେଳେ ତତ୍କାଳୀନ ବ୍ଲକ୍ ଉନ୍ନୟନ ଅଧିକାରିଣୀ ଉକ୍ତ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଜଣାଇବାରେ ଭେଣ୍ଡିଂଜୋନ ନିର୍ମାଣ କାର୍ଯ୍ୟ ସେଦିନଠାରୁ ବନ୍ଦ ରହିଥିଲା । ମାତ୍ର ଏବେ ପୁନର୍ବାର ଉକ୍ତ ସ୍ଥାନରେ ଭେଣ୍ଡିଂଜୋନ ନିର୍ମାଣ ଆରମ୍ଭକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଖଣ୍ଡପଡ଼ା ବ୍ଲକ୍ ସମ୍ମୁଖସ୍ଥ ରାସ୍ତାଟି ଖଣ୍ଡପଡ଼ା ସହରରୁ ନୟାଗଡ଼କୁ ସଂଯୋଗ କରୁଛି । ନିକଟ ଭବିଷ୍ୟତରେ ଉକ୍ତ ରାସ୍ତା ସମ୍ପ୍ରସାରଣ ହେଲେ ରାସ୍ତା ପାର୍ଶ୍ୱରେ ନିର୍ମାଣଧୀନ ଭେଣ୍ଡିଂ ଜୋନଟି ସମସ୍ୟା ସୃଷ୍ଟି କରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ମୁଖ୍ୟରାସ୍ତା ପାର୍ଶ୍ୱରେ ଭେଣ୍ଡିଂ ଜୋନ୍ ନିର୍ମାଣ ନ କରିବାକୁ ସହରବାସୀ ଦାବି କରିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଅଭିଯୋଗ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ପଚାରିବାରେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ଅଙ୍ଗନୱାଡି ସହାୟିକା ନିଯୁକ୍ତିରେ ଚଞ୍ଚକତା

ନୟାଗଡ଼,୩୧।୮ (ଲୋକନାଥ ମଶ୍ର)

- ଜାଲ ପ୍ରମାଣପତ୍ରରେ ନିଯୁକ୍ତି ଅଭିଯୋଗ
- ନିଯୁକ୍ତି ବାତିଲ ପାଇଁ ଉପଜିଲାପାଳଙ୍କୁ ଫେରାଦ୍

ନୟାଗଡ଼ ଜିଲା ଭାପୁର ବ୍ଲକ ମାଣିବନ୍ଧ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଜାଲ ପ୍ରମାଣ ପତ୍ରରେ ନିଯୁକ୍ତି ଦିଆଯାଇଥିବାରୁ ଏହାର ତଦନ୍ତ କରି ନିଯୁକ୍ତି ବାତିଲ କରିବାକୁ ସ୍ଥାନୀୟ ଗ୍ରାମବାସୀ ଶନିବାର ଗାଁ ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ ନୟାଗଡ଼ ଉପଜିଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି।

ଏନେଇ ମାଣିବନ୍ଧ ଗାଁର ସଭାପତି ସୋମନାଥ ପଟ୍ଟନାୟକ ଓ ସମ୍ପାଦକ ରଞ୍ଜନ କୁମାର ମହାପାତ୍ର କୁହନ୍ତି, ମାଣିବନ୍ଧ ଗାଁର ଭୋଟର କିମ୍ବା ସ୍ଥାୟୀ ବାସିନ୍ଦା ନ ହୋଇ ମାଣିବନ୍ଧ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ ବବିନା ପଣ୍ଡା ନିଯୁକ୍ତି ପାଇଛନ୍ତି। ଚାକରି ପାଇବା ପାଇଁ କିଛି କାଗଜପତ୍ର ଜାଲ କରାଯାଇଥିବା ଜଣାପଡିଛି। ପୁଣି ସହାୟିକା ନିଯୁକ୍ତି ପାଇଁ ବିଜ୍ଞପ୍ତି କାହିଁକି ଗାଁ ଲୋକଙ୍କୁ ଲୁଚାଗଲା। ଗାଁ ଲୋକ ଜାଣି ନ ପାରିବାରୁ ମାଣିବନ୍ଧ ଗାଁର କେହି ହେଲେ ସହାୟିକା ପଦବୀ ପାଇଁ ଆବେଦନ କରି ପାରିଲେ ନାହିଁ। ଲୁଚାଛପାରେ ମାଣିବନ୍ଧ ଅଙ୍ଗନୱାଡି କେନ୍ଦ୍ର ପାଇଁ ସହାୟିକା ନିଯୁକ୍ତି ହୋଇ ଯାଇଛନ୍ତି। ସହାୟିକା ନିଯୁକ୍ତିରେ ରେସିଡେଣ୍ଟ ସାର୍ଟିଫିକେଟ୍, ଭୋଟର ତାଲିକା ଓ ଆଧାର କାର୍ଡକୁ ଜାଲ କରାଯାଇଛି ବୋଲି ସନ୍ଦେହ କରାଯାଉଛି। ଏନେଇ ଆମେ ନୟାଗଡ଼ ଉପଜିଲାପାଳଙ୍କୁ ଶନିବାର ଅଭିଯୋଗ କରିବା ପରେ ଭାପୁର ବିଡିଓ ଓ ଡେପୁଟି କଲେକ୍ଟର ଘଟଣାର ତଦନ୍ତ କରିବେ ବୋଲି କୁହାଯାଇଛି। ରିପୋର୍ଟରେ ଅନିୟମିତତା ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଛନ୍ତି।

## ରକ୍ତହୀନ ମା', କମ୍ ଓଜନ ଶିଶୁଙ୍କ ପାଇଁ କୁକୁଡ଼ା ଚିଆଁ ବଣ୍ଟନ




ହିତାଧିକାରୀମାନଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଉଛି।

ଓଡ଼ଗାଁ,୩୧।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକରେ ରକ୍ତହୀନତା ରୋଗର ଶିକାର ହୋଇଥିବା ୧୧୬୨ ଜଣ ମା' ଏବଂ ବୟସ ଅନୁପାତରେ କମ୍ ଓଜନଥିବା ୧୩୭୯ ଜଣ ଶିଶୁଙ୍କ ପାଇଁ ମୋଟ ୧୨ ହଜାର ୭୦୫ କୁକୁଡ଼ା ଚିଆଁ ଓଡ଼ଗାଁ ବ୍ଲକ୍‌ରେ ବଣ୍ଟନ କରାଯାଇଛି। ଓଡ଼ଗାଁ ବ୍ଲକର ୩୬ ପଞ୍ଚାୟତ ଓ ଓଡ଼ଗାଁ ଏନ୍‌ଏସିରେ ଶନିବାର ବଣ୍ଟନ ପ୍ରକ୍ରିୟାର ଅନ୍ତିମ ଦିବସରେ ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ଅନୁଷ୍ଠିତ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟ ବିରଜା ଲକ୍ଷ୍ମୀ ସାହୁ, ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ ଲହଡ଼ିମାଳା ପ୍ରଧାନ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରତାପ କୁମାର ପ୍ରଧାନ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା . ସୌରଭ ହୋତା ପ୍ରମୁଖଙ୍କ ଉପସ୍ଥିତିରେ ଓଡ଼ଗାଁ ଏନଏସିର ହିତାଧିକାରୀମାନଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଥିଲା।

## ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

ନୟାଗଡ଼,୩୧।୮ (ଲୋକନାଥ ମିଶ୍ର)




କର୍ମଶାଳାରେ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ଅନ୍ୟମାନେ।

ନୟାଗଡ଼ ପୁରୁଣା ସହରର ପୁରାତନ ରାଜବାଟୀଠାରେ ଭାରତୀୟ ଜନତା ପାର୍ଟି ନୟାଗଡ଼ ତରଫରୁ ସଦସ୍ୟତା ଅଭିଯାନର କର୍ମଶାଳା ୨୦୨୪ ଶନିବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଏମ୍‌ପି ତଥା ଭାଜପାର ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଥିବା ଏହି କର୍ମଶାଳାରେ ନୟାଗଡ଼ର ସମସ୍ତ ପଞ୍ଚାୟତ ନେତୃବୃନ୍ଦ ଯୋଗ ଦେଇଥିଲେ । ୧ ମାସ ମଧ୍ୟରେ ନୟାଗଡ଼ରେ ଭାରତୀୟ ଜନତା ପାର୍ଟିରେ ୧ଲକ୍ଷ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।

କର୍ମଶାଳାରେ ନୟାଗଡ଼ ବ୍ଲକବଡପଣ୍ଡୁସର ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ମାଧବ ବେହେରା ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି । ଏଥିସହିତ ୯ନଂ. ୱାର୍ଡର ପୂର୍ବତନ କାଉନସିଲର ସରଳା ସାମନ୍ତରାୟ ଅନୁରୂପ ଭାବେ ଯୋଗଛନ୍ତି । ଏହିବ ଅବସରରେ ଭାଜପାର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରତ୍ୟୁଶା କହିଥିଲେ ଆମ୍ଭ ସମସ୍ତଙ୍କୁ ଗାଁକୁ ଗାଁ ଯାଇ ଲୋକଙ୍କ ଅଭିଯୋଗ ଶୁଣାଣି କରିବାକୁ ପଡିବ। ସରକାରୀ ଯୋଜନାଗୁଡିକର ସଦୁପଯୋଗ କରିବା ଦିଗରେ କାର୍ଯ୍ୟ କରିବା। ଉକ୍ତ କର୍ମଶାଳାରେ ନୟାଗଡ଼ର ନସିର ଅହମଦ, ପ୍ରହ୍ଲାଦ ରାଡ଼, ରମେଶ ଚନ୍ଦ୍ର ମିଶ୍ର, ରଞ୍ଜନୀକାନ୍ତି ନନ୍ଦ, ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ୧୦ବର୍ଷ ପରେ ବି ଶିକ୍ଷକଙ୍କ ବଦଳି ହେଲାନି

ଗଣିଆ,୩୧।୮ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବ୍ଲକରେ ଥିବା ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଶିକ୍ଷୟିତ୍ରୀ ଶିକ୍ଷକମାନେ କାମକରି ଆସୁଛନ୍ତି । ସେମାନଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଉନାହିଁ । ଏପରି କି ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଧିକାଂଶ ଶିକ୍ଷକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ରହିଛନ୍ତି । କୌଣସି ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିଲେ ଅନ୍ୟତ୍ର ବଦଳି କରାଯିବା ସହ ଆବଶ୍ୟକ ସ୍ଥଳେ ଡେପୁଟେଶନରେ ପଠାଯାଉଛି । ଅନ୍ୟପକ୍ଷେ କେତେଜଣ ଶିକ୍ଷକ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

ସେହିପରି ଆଦିବାସୀ ଅଧ୍ୟୁଷିତ ବଡଶିଲିଙ୍ଗା ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡିକୁ ଶିକ୍ଷା ବିଭାଗର କୌଣସି ଅଧିକାରୀ ନିୟମିତ ପରିଦର୍ଶନରେ ଯାଉ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ବ୍ଲକସ୍ତରୀୟ ଶିକ୍ଷା ଅଧିକାରୀମାନେ ପ୍ରତିମାସରେ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶିକ୍ଷାର ମାନ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଲେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ଶିକ୍ଷାର ମାନରେ ଉନ୍ନତି ଆସିପାରିବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି । ଉକ୍ତ ବ୍ଲକରେ ୨୪ ପ୍ରାଥମିକ ବିଦ୍ୟାଳୟ, ୨୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୯ ହାଇସ୍କୁଲ ଓ ଗୋଟିଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି । ଉପରୋକ୍ତ ବିଦ୍ୟାଳୟରେ ୧୭୫ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ କନିଷ୍ଠ ଶିକ୍ଷକ, ୨ଜଣ ଗଣ ଶିକ୍ଷକ, ୧୭ଜଣ ଲେବୁଲ ଭି ଗଣ ଶିକ୍ଷକ ଓ ୧୫୨ଜଣ ରେଗୁଲାର ଶିକ୍ଷକ ଥିବା ବ୍ଲକ ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି । କେତେକ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ରହିଛନ୍ତି। ଅନ୍ୟ ସ୍କୁଲରେ ଆବଶ୍ୟକତା ଅନୁଯାୟୀ ଶିକ୍ଷୟିତ୍ରୀ,ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ସେହିପରି କେତେକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ନେଇ ଚାଲିଛି । ବଡଶିଲିଙ୍ଗା ପଞ୍ଚାୟତର କେତେକ ବିଦ୍ୟାଳୟରେ ସ୍ଥାନୀୟ ଶିକ୍ଷକ ନିଯୁକ୍ତି ହୋଇଥିଲେ ମଧ୍ୟ ସେମାନେ ଗଣିଆ, ଦଶପଲ୍ଲା ଆଦି ଦୂର ସ୍ଥାନରେ ଘରଭଡା ନେଇ ରହୁଛନ୍ତି । ଏପରି କି ନିୟମିତ ଭାବେ କେତେଜଣ ଶିକ୍ଷକ ବିଦ୍ୟାଳୟକୁ ଆସୁ ନାହାନ୍ତି । ଆଉ କେତେଜଣ ଶିକ୍ଷକ ପାଳି କରି ବିଦ୍ୟାଳୟକୁ ଆସୁଥିବା ସ୍ଥାନୀୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଫଳରେ ନିୟମିତ ବିଦ୍ୟାଳୟକୁ ଆସୁ ନ ଥିବା ଶିକ୍ଷକମାନଙ୍କ ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି ।

ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ରବିନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିବାରୁ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକମାନେ ଦୀର୍ଘଦିନ ଧରି ରହିଆସିଛନ୍ତି। କେତେଜଣ ଶିକ୍ଷକ ଅବସର ପର୍ଯ୍ୟନ୍ତ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ରହୁଛନ୍ତି । ଯଦି କୌଣସି ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆସେ ତେବେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଉଛି ବୋଲି ସେ କହିଛନ୍ତି।

